ପୁନଃ ସଂରକ୍ଷଣ ମୋକଦମା ସଂଖ୍ୟା -୦୬/୨୦୨୪
(De-Reservation Case No 06/2024)

## ସର୍ବସାଧାରଣ ଇସ୍ତାହାର

ଏତଦ୍ବାରା ମୌଜା- ଗୋଡିପୁଟ ମାଟିଆପଡା, ଥାନା- ଡେଲାଙ୍ଗ, ଜିଲ୍ଲା-ପୁରୀ ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲ ଭୁକ୍ତ ସରକାରୀ ବୃତ୍ତି କୁ ବେଆଇନ୍ ଭାବେ ଶ୍ରୀମତୀ କଳିକା ଦେଇ ସ୍ବା: ସୋମନାଥ ବେହେରା ସା: ଗୋଡିପୁଟ ମାଟିଆପଡା ସାମିଲ ବରପଦା ଥା: ଡେଲାଙ୍ଗ, ଜିଲ୍ଲା: ପୁରୀ ଦଖଲରେ ଥିବାରୁ ଓ ଜଣେ ଭୂମିହୀନ ବେକ୍ତି ହୋଇଥିବାରୁ ଓଡିଶା ସରକାରଙ୍କ ବସୁନ୍ଧରା ଯୋଜନା ର ନିୟମାନୁଯାୟୀ ତାଙ୍କ ନାମରେ ରେକର୍ଡ କରିବା ପାଇଁ ବନ୍ଦୋବସ୍ତ ମଞ୍ଜୁର ନିମନ୍ତେ ବିଚାରକୁ ନିଆଯାଇଅଛି । ଉକ୍ତ ବୃତ୍ତି ଭୁକ୍ତ ସରକାରୀ ଜମି ରକ୍ଷିତ ଅନାବାଦୀ ଖାତା ଭୁକ୍ତ ଥାଇ କିସମ "ଗୋଚର" ହୋଇ ଥିବାରୁ ଏହକୁ ସଂରକ୍ଷଣ ମୁକ୍ତ କରାଯାଇ ଆବାଦ ଯୋଗ୍ୟ ଅନାବାଦୀ ଖାତା ଭୁକ୍ତ କରି କିସମ ପତିତ କୁ କାୟମ ରଖିବା ପାଇଁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ପୁରୀ କୁ ପ୍ରେରଣ କରାଯିବା କୁ ବିଚାର କରାଯାଉଛି । ତେଣୁ ଏହି ଜମି ର ସତ୍ତ୍ୱ ଓ କିସମ ପରିବର୍ତ୍ତନ ବାବଦ ରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ଇସ୍ତାହାର ଜାରି ହେବାର ୧୫ ଦିନ ଭିତରେ ନିମ୍ନ ସ୍ବାକ୍ଷରକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କାଲେ ତାହା ବିଚାର କୁ ନିଆଯିବ । ଧାର୍ଯ୍ୟ ସମୟଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

### ତଫସିଲ ବୃତ୍ତି

| ମୌଜା | ଖାତା ନଂ | ପ୍ଲଟ ନଂ | ଏରିଆ | କିସମ |
|---|---|---|---|---|
| ଗୋଡିପୁଟ ମାଟିଆପଡା | ୧୩୪୪ (ରକ୍ଷିତ ଅନାବାଦୀ) | ୩୭୫୨ | ଏ ୬.୨୮ ଡି. ସ୍ଥ ଏ ୦.୦୪ ଡି. | ଗୋଚର |

ସନ୍ତୋଷିନି ଦାଶ
ତହସିଲଦାର, ଡେଲାଙ୍ଗ
Tahasildar Delang

ସ୍ମାରକ ସଂଖ୍ୟା ୫୨୫୭ /ତାରିଖ ୧୧|୧୨|୨୦୨୫

ଉକ୍ତ ଇସ୍ତାହାର ର ପ୍ରତିଲିପି ସମ୍ପୃକ୍ତ ମୌଜା, ଗ୍ରାମ ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗୋଡିପୁଟ ମାଟିଆପଡା, ରାଜସ୍ବ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ହରିରାଜପୁର ଏବଂ ତହସିଲ କାର୍ଯ୍ୟାଳୟ ଡେଲାଙ୍ଗ ଙ୍କ ର ବିଜ୍ଞାପନ ଫଳକରେ ଲଟକାଇବା / ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସନ୍ତୋଷିନି ଦାଶ
ତହସିଲଦାର, ଡେଲାଙ୍ଗ
Tahasildar Delang